# ଜଗତର ଶେଷ: ଏକ ଆଶ୍ଚର୍ଯ୍ୟଜନକ ବା ସ୍ତମ୍ଭୀଭୂତ ଭବିଷ୍ୟବାଣୀ!



ଅଧିକ ଆରାମଦାୟକ ସ୍ଥିତି ଖୋଜିବା ପାଇଁ ରମଣଦୀପ ତାଙ୍କ ବୟସ୍କ ଶରୀରକୁ ଘୂଞ୍ଚାଇଲେ| ଆଜିକାଲି ତାଙ୍କର ଗଣ୍ଠି ଗୁଡିକ ଅଧିକରୁ ଅଧିକ ବ୍ୟଥା ହେଉଥାଏ| ଧାନ କ୍ଷେତ ଉପରକୁ ଚାହିଁଲାବେଳେ ରଙ୍ଗ ଗୁଡିକ ଏକା ସାଙ୍ଗରେ ଝାପସା ଦେଖାଯାଏ| ବୋହୂକୁ ଖାଦ୍ୟ ପ୍ରସ୍ତୁତି କରୁଥିବାର ସେ ଶୁଣି ପାରୁଥିଲେ| ସେ ଭାବୁଥିଲେ, ତାଙ୍କ ପରିବାର ଲୋକ ତାଙ୍କୁ ଏକ ବୋଝ ବୋଲି ଦେଖୁଛନ୍ତି କି? ବାର୍ଦ୍ଧକ୍ୟ ଅବସ୍ଥା ସହଜ ନଥିଲା - ତାଙ୍କ ପାଇଁ ନୁହେଁ ତାଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ସହଜ ନୁହେଁ|

ସେ ଯେତେବେଳେ ଛୋଟ ଥିଲେ, ତଥାପି ମନ୍ଦିରକୁ ଯାଇପାରୁଥିଲେ ସେତେବେଳେ ତାଙ୍କ ଗୁରୁ କ'ଣ କହିଥିଲେ ସେହି ବିଷୟରେ ଚିନ୍ତା କଲେ| ତାଙ୍କର ଗୁରୁ କହିଥିଲେ ଯେ ଚାରୋଟି ଯୁଗ ଅଛି—ପ୍ରତ୍ୟେକଟି ଧୀରେ ଧୀରେ ଅଧିକ ଖରାପ ହେଉଛି| ଅନ୍ତିମ ଯୁଗ—କଳି ଯୁଗ—ସବୁଠୁ ଖରାପ ହେବ, ମନ୍ଦଚିନ୍ତା, ଦୁଃଖ ଏବଂ ଅନ୍ଧକାରରେ ପରିପୂର୍ଣ୍ଣ| ରମଣଦୀପ ଦୀର୍ଘ ନିଶ୍ୱାସ ଛାଡ଼ିଲେ| ବୋଧ ହୁଏ କଳି ଯୁଗ କିଛିଟା ବୃଦ୍ଧାବସ୍ଥା ପରି ଥିଲା—ଯାହା ଏକଦା ଭଲ ଥିଲା ତାହାର ଏକ ଅନ୍ତିମ ଅବନତି। ଭୂକମ୍ପ, ରୋଗ, ହତ୍ୟା ଏବଂ ଯୁଦ୍ଧରେ ଲୋକମାନେ କିପରି ମରୁଛନ୍ତି ସେ ଏହି ଖବର ଶୁଣିଥିଲେ| ଯେଉଁମାନେ ମରି ନାହାଁନ୍ତି ସେମାନେ ବସ୍ତୁବାଦୀ, ଉଦାସୀନ ଏବଂ ଅନୈତିକ ହୋଇପଡ଼ିଥିଲେ|

ଏହି ଦୁଃଖଦ ଦୁନିଆଁ କେବେ ଶେଷ ହେବ? ତାଙ୍କର ବୟସ୍କ ଶରୀର—ଏବଂ ପତିତମୁଖୀ ଗ୍ରହ—ପୁନର୍ବାର ଜନ୍ମ ହୋଇପାରେ କି?

## ପୃଥିବୀର ଭବିଷ୍ୟତ ବିଷୟରେ ଭବିଷ୍ୟବାଣୀ

ମୁଁ ଆପଣଙ୍କୁ ଏକ ଐଶ୍ଵରୀୟ ଭବିଷ୍ୟବାଣୀ କହୁଥିବା ତାଙ୍କ ସହିତ ପରିଚିତ କରିବାକୁ ଚାହେଁ, ଯାହାର ଭବିଷ୍ୟତ ପାଇଁ ମୁଁ ଚିହ୍ନଗୁଡିକୁ ସମ୍ପୂର୍ଣ୍ଣ ଭାବରେ ବିଶ୍ଵାସ କରେ| ସେ ହେଉଛନ୍ତି ପ୍ରଭୁ ଯୀଶୁ ଖ୍ରୀଷ୍ଟ| ସେ ମଣିଷ ଭାବରେ ପୃଥିବୀକୁ ଆସିଥିଲେ, ଲୋକଙ୍କୁ ସୁସ୍ଥ କରିଥିଲେ | ସେମାନେ କିପରି ସ୍ଵର୍ଗରାଜ୍ୟରେ ପ୍ରବେଶ କରିପାରିବେ ତାହା ସମସ୍ତଙ୍କୁ ଜଣାଇଥିଲେ| ୩୩ ବର୍ଷ ବୟସରେ, ସେ ନିଜ ଜୀବନକୁ ବଳି ଦେଇଥିଲେ| ତା'ପରେ, ଆଶ୍ଚର୍ଯ୍ୟର କଥା, ସେ ମୃତ୍ୟୁରୁ ପୁନରୁତ୍‌ଥିତ ହେଲେ! ସେ କହିଛନ୍ତି ଯେ ଯଦି ଆମେ ତାଙ୍କ ଉପରେ ଭରସା କରି ତାଙ୍କ କଥା ମାନିବା, ତେବେ ତାଙ୍କ ବଳିଦାନ ଆମ ପାଇଁ କ୍ଷମା ଏବଂ ମୁକ୍ତି ଆଣିଦେବ|

ପ୍ରଭୁ ଯୀଶୁ ଆମ ଜଗତର ଭବିଷ୍ୟତ ବିଷୟରେ କହିଥିଲେ| ସେ ମଧ୍ୟ କହିଥିଲେ ଯେ ବର୍ତ୍ତମାନର ପାପର ଯୁଗକୁ ସମାପ୍ତ କରିବେ|ତାଙ୍କର ପୁସ୍ତକ, ବାଇବଲ, ଭବିଷ୍ୟବାଣୀରେ ପରିପୂର୍ଣ୍ଣ ଏକ ପୁସ୍ତକ। ଆମେ ଅନ୍ତିମ ଦିନର ନିକଟତର ବୋଲି କିପରି ଜାଣିପାରିବା ତାହା ବିଷୟରେ ଆମେ ତାଙ୍କ ଭବିଷ୍ୟବାଣୀ ପ୍ରତି ଧ୍ୟାନ ଦେବା ଆବଶ୍ୟକ|

## ଜଗତର ଶେଷ

ଦିନେ ପ୍ରଭୁ ଯୀଶୁଙ୍କ ଶିଷ୍ୟମାନେ ତାଙ୍କୁ ପଚାରିଲେ, "ଆପଣଙ୍କ ଆଗମନ ଏବଂ ଯୁଗ ଶେଷର ଲକ୍ଷଣ କ'ଣ ହେବ?" (ବାଇବଲ, ମାଥିଉ ୨୪: ୩)| ପ୍ରଭୁ ଯୀଶୁ ସେମାନଙ୍କୁ କହିଲେ ଯେ ଯୁଗର ସମାପ୍ତି ପୂର୍ବରୁ ଲକ୍ଷଣଗୁଡ଼ିକ

ଦେଖାଯିବ ଯାହା ତାଙ୍କ ଆଗମନ ବିଷୟରେ ଜାଣିବାରେ ସାହାଯ୍ୟ କରିବ। ଏହି ଲକ୍ଷଣଗୁଡ଼ିକରେ ଏସବୁ ଅନ୍ତର୍ଭୁକ୍ତ:

**ପ୍ରଭୁ ଯୀଶୁ ଏହି ସମସ୍ତ ଲକ୍ଷଣଗୁଡ଼ିକର ଭବିଷ୍ୟବାଣୀ କରିଥିଲେ ଯାହା ସେ ମେଘମାଳାରେ ଗୌରବର ଆଗମନ କରିବା ପୂର୍ବରୁ ଘଟିବ| ଯେହେତୁ ଆମେ ଏହି ଲକ୍ଷଣଗୁଡ଼ିକ ଘଟୁଥିବାର ଦେଖୁ, ଆମେ ଜାଣିପାରିବା ଯେ ତାଙ୍କର ଭବିଷ୍ୟବାଣୀ ସତ୍ୟ ଏବଂ ତାଙ୍କର ଆଗମନ ଅତି ନିକଟ!**

**୧. ମିଥ୍ୟା ତ୍ରାଣକର୍ତ୍ତା।** ପ୍ରଭୁ ଯୀଶୁ କହିଲେ, "କେହି ଯେପରି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରେ| କାରଣ ଅନେକେ ମୋ ନାମରେ ଆସି, 'ମୁଁ ଖ୍ରୀଷ୍ଟ,' ବୋଲି କହି ଅନେକଙ୍କୁ ଭ୍ରାନ୍ତ କରିବେ|" (ମାଥିଉ ୨୪: ୪,୫)| ପ୍ରଭୁ ଯୀଶୁ ବୋଲି ଦାବି କରୁଥିବା ଅପରାଧୀମାନଙ୍କ ଦ୍ୱାରା ଆମେ ପ୍ରତାରିତ ହେବା ଉଚିତ୍ ନୁହେଁ| ତାଙ୍କର ପ୍ରକୃତ ଆଗମନ ସମଗ୍ର ବିଶ୍ୱରେ ଦେଖାଯିବ—"ପୂର୍ବରୁ ପଶ୍ଚିମ ଦିଗକୁ ବିଜୁଳି ଭଳି" (ମାଥିଉ ୨୪: ୨୭)—ଏବଂ ସମଗ୍ର ବିଶ୍ୱ ଭୟଙ୍କର ଏବଂ ଆଶ୍ଚର୍ଯ୍ୟଜନକ ମହାମାରୀ ଦ୍ୱାରା କମ୍ପିତ ହେବା ପରେ ଏହା ଘଟିବ|

**୨. ଯୁଦ୍ଧର ବିଷୟ ଓ ସଂଗ୍ରାମର ଜନରବ ।** ପ୍ରଭୁ ଯୀଶୁ କହିଲେ, "ତୁମେମାନେ ଯୁଦ୍ଧର ବିଷୟ ଓ ସଂଗ୍ରାମର ଜନରବ ଶୁଣିବ; ସାବଧାନ, ବ୍ୟାକୁଳ ହୁଅ ନାହିଁ; କାରଣ ଏହିସମସ୍ତ ଅବଶ୍ୟ ଘଟିବ, କିନ୍ତୁ ସେହି କାଳ ଯୁଗାନ୍ତ ନୁହେଁ । କାରଣ ଜାତି ବିପକ୍ଷରେ ଜାତି ଓ ରାଜ୍ୟ ବିପକ୍ଷରେ ରାଜ୍ୟ ଉଠିବ (ମାଥିଉ ୨୪: ୬,୭)|" ଯେତେବେଳେ ଆମେ ଯୁଗର ଶେଷ ଭାଗରେ ପହଞ୍ଚୁ, ଯୁଦ୍ଧଗୁଡ଼ିକ ବାରମ୍ବାର ଅଧିକ ଭୟଙ୍କର ହେବ|

**୩. ଦୁର୍ଭିକ୍ଷ, ଭୂକମ୍ପ ଏବଂ ମହାମାରୀ ।** ସେ ଭବିଷ୍ୟବାଣୀ କରିଥିବା ତୃତୀୟ ଲକ୍ଷଣ ଥିଲା ଯେ "ସ୍ଥାନେ ସ୍ଥାନେ ଦୁର୍ଭିକ୍ଷ ଓ ଭୂମିକମ୍ପ ଓ ମହାମାରୀ ହେବ । ଏସବୁ ଦୁଃଖର ଆରମ୍ଭ ମାତ୍ର ।" (ମାଥିଉ ୨୪: ୬,୭)| ଶତାବ୍ଦୀର ଆରମ୍ଭରୁ ୨୦ ନିୟୁତରୁ ଅଧିକ ଲୋକ ଦୁର୍ଭିକ୍ଷର ଶିକାର ହୋଇଛନ୍ତି| ନେପାଳରେ ୨୦୧୫ରେ ହୋଇଥିବା ଇତିହାସର ସବୁଠାରୁ ଭୟଙ୍କର ଭୂକମ୍ପରେ ୮,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା| ରୋଗ ଅସଂଖ୍ୟ ଜୀବନ ନେଇଛି| ନିଶ୍ଚିତ ଭାବରେ, ପ୍ରଭୁ ଯୀଶୁ ଯାହା ଭବିଷ୍ୟବାଣୀ କରିଥିଲେ, ତାହା ଆମେ ଦେଖୁ ଅଛୁ|

**୪. ନୈତିକ ଅବନତି**/ ପ୍ରଭୁ ଯୀଶୁ କହିଲେ, "କାରଣ ଅନୈତିକତା ବୃଦ୍ଧି ପାଇବ, ଅନେକଙ୍କ ପ୍ରେମ ଶୀତଳ ହୋଇଯିବ (ମାଥିଉ ୨୪: ୧୨)| ଏହା ଅନୁମାନ କରାଯାଏ ଯେ ଭାରତରେ ପ୍ରତିଦିନ ହାରାହାରି ୯୧ ବଳାତ୍କାର ଏବଂ ୭୯ ଲୋକଙ୍କ ହତ୍ୟାକାଣ୍ଡ ହୋଇଥାଏ| ଲୋକମାନେ ଏତେ ଆତ୍ମ-କୈନ୍ଦ୍ରିକ ହୋଇ ଉଠୁଛନ୍ତି

ଯେ ସେମାନଙ୍କର କାର୍ଯ୍ୟ ଅନ୍ୟମାନଙ୍କୁ କିପରି ଆଘାତ କରେ ସେମାନେ ଆଉ ଚିନ୍ତା କରୁନାହାଁନ୍ତି|

ପ୍ରଭୁ ଯୀଶୁ ଏହି ସମସ୍ତ ଲକ୍ଷଣଗୁଡ଼ିକର ଭବିଷ୍ୟବାଣୀ କରିଥିଲେ ଯାହା ସେ ମେଘମାଳାରେ ଗୌରବର ଆଗମନ କରିବା ପୂର୍ବରୁ ଘଟିବ| ଯେହେତୁ ଆମେ ଏହି ଲକ୍ଷଣଗୁଡିକ ଘଟୁଥିବାର ଦେଖୁ, ଆମେ ଜାଣିପାରିବା ଯେ ତାଙ୍କର ଭବିଷ୍ୟବାଣୀ ସତ୍ୟ ଏବଂ ତାଙ୍କର ଆଗମନ ଅତି ନିକଟ!

## ପ୍ରଭୁ ଯୀଶୁଙ୍କ ଆଗମନ ପାଇଁ ପ୍ରସ୍ତୁତି!

ଯେଉଁମାନେ ସ୍ୱାର୍ଥ, ଅହଂକାର ଏବଂ ଅନୈତିକ ଜୀବନଯାପନ କରୁଛନ୍ତି, ସେମାନେ ପ୍ରଭୁ ଯୀଶୁ ଆସିଲେ ଖୁସି ହେବେ ନାହିଁ| ବାସ୍ତବରେ, ଯେତେବେଳେ ସେ ମେଘମାଳାରେ ଫେରି ଆସନ୍ତି, ସେମାନଙ୍କର ସମସ୍ତ ଖରାପ କର୍ମ ଗୋଟିଏ ବିନାଶ ମୁହୂର୍ତ୍ତରେ ସେମାନଙ୍କ ଉପରେ ପଡ଼ିବ| ସେମାନେ ତାଙ୍କଠାରୁ ଲୁଚିବାକୁ ଚେଷ୍ଟା କରିବେ ଏବଂ ପଥର ଓ ପର୍ବତକୁ ଚିତ୍କାର କରି କହିବେ, "ଆମ ଉପରେ ପଡ଼ ଏବଂ ସିଂହାସନରେ ବସିଥିବା ବ୍ୟକ୍ତିଙ୍କ ସମ୍ମୁଖରୁ ଆମକୁ ଲୁଚାଅ!" (ବାଇବଲ, ପ୍ରକାଶିତ ୬:୧୬)|

କିନ୍ତୁ ଯେଉଁମାନେ ପ୍ରଭୁ ଯୀଶୁଙ୍କ ବଳିଦାନ ଉପରେ ବିଶ୍ୱାସ କରନ୍ତି, ସେହି ଦିନ ସେମାନେ ତୁରନ୍ତ ପରିବର୍ତ୍ତିତ ହୋଇ ନୂତନ ଏବଂ ଅମର ଶରୀର ପ୍ରାପ୍ତ କରିବେ| ସେମାନେ ମେଘରେ ଭାସିବେ ଏବଂ ଏହି ପତନମୁଖୀ ଦୁନିଆଁରୁ ସବୁଦିନ ପାଇଁ ରକ୍ଷା ପାଇବେ| ଯଦି ଆପଣ

ସେହି ଅନନ୍ତ ସୁଖୀ ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ଜଣେ ହେବାକୁ ଚାହାଁନ୍ତି, ତେବେ ଆପଣ ଆଜି ଏହି ସରଳ ପ୍ରାର୍ଥନା କରିପାରିବେ:

*ପ୍ରିୟ ସୃଷ୍ଟିକର୍ତ୍ତା ପରମେଶ୍ୱର, ମୁଁ ବିଶ୍ୱାସ କରେ ପ୍ରଭୁ ଯୀଶୁ ଶୀଘ୍ର ଫେରି ଆସିବେ| ଦୟାକରି ମୋତେ ପ୍ରଭୁ ଯୀଶୁଙ୍କୁ କିପରି ଜାଣିବି ଏବଂ ବିଶ୍ୱାସ କରିବି ତାହା ଶିଖାନ୍ତୁ, ଯାହାଫଳରେ ସ୍ୱର୍ଗକୁ ନିଆଯାଇଥିବା ଲୋକମାନଙ୍କ ମଧ୍ୟରେ ମୁଁ ରହିବି| ଆମେନ୍|*

ପ୍ରଭୁ ଯୀଶୁଙ୍କ ଭବିଷ୍ୟତର ଭବିଷ୍ୟବାଣୀ ବିଷୟରେ ଯଦି ଆପଣ ଅଧିକ ଜାଣିବାକୁ ଚାହାଁନ୍ତି, ଦୟାକରି ଏହି ପତ୍ରିକାର ପଛପଟେ ଥିବା ସୂଚନାରେ ଆମ ସହିତ ଯୋଗାଯୋଗ କରନ୍ତୁ|

Copyright © 2023 by Sharing Hope Publications. ବିନା ଅନୁମତିରେ ଅଣ-ବ୍ୟବସାୟିକ ଉଦ୍ଦେଶ୍ୟରେ କାର୍ଯ୍ୟ ମୁଦ୍ରଣ ଏବଂ ଅଂଶୀଦାର କରାଯାଇପାରିବ।

ଶାସ୍ତ୍ର ଓଡ଼ିଆ-ସଂସ୍କରଣ (ପୁନଃ-ସମ୍ପାଦିତ) ରୁ ନିଆଯାଇଛି - ପବିତ୍ର ବାଇବଲ (ପୁନଃ-ସମ୍ପାଦିତ)। ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ ଦ୍ୱାରା ପ୍ରକାଶନ © ୨୦୧୪ । ଅନୁମତି ଦ୍ୱାରା ବ୍ୟବହୃତ। ସମସ୍ତ ଅଧିକାର ବିଶ୍ୱବ୍ୟାପୀ ସଂରକ୍ଷିତ|

# ପରବର୍ତ୍ତୀ ପଠନ







ଅଧିକ ଜାଣିବା ପାଇଁ QR କୋଡ୍
ସ୍କାନ୍ କରନ୍ତୁ।